Chapter-1

# ତ୍ରିଶକ୍ତି

## STUDY NOTE

### MIND MAP



୧. ତିନୋଟି ଉପାଦାନାର ମିଶ୍ରଣରେ ତ୍ରିଶକ୍ତିର ସୃଷ୍ଟି ।

ସେହି ତିନୋଟି ଉପାଦାନ ହେଉଛି- (କ) ଜ୍ଞାନ, (ଖ) ସତ୍ୟ ଓ (ଗ) ଧର୍ମ ।

୨. **ଜ୍ଞାନ:**

ଜ୍ଞାନର ଚାରୋଟି ସୋପାନ ରହିଛି । ସେଗୁଡ଼ିକ ହେଉଛି ଜ୍ଞାନ, ବୈରାଗ୍ୟ, ବିବେକ ଏବଂ ବିଜ୍ଞାନ । ଏହି ଚାରୋଟି ସୋପାନକୁ ଅତିକ୍ରମ କରିସାରିବା ପରେ ଜଣେ ବ୍ୟକ୍ତିଙ୍କୁ ଜ୍ଞାନୀର ଆଖ୍ୟା ଦିଆଯାଇଥାଏ । ଜ୍ଞାନ ଥିବା ବ୍ୟକ୍ତି ହିଁ ସଂସାରରେ ବଳବାନ ହୋଇଥାଏ ଏବଂ ଧରା ପୃଷ୍ଠରେ ଯଶ ଓ ମାନର ଅଧିକାରୀ ହୋଇଥାଏ । ଶେଷରେ ଏହି ଜ୍ଞାନୀ ବ୍ୟକ୍ତିମାନେ ହିଁ ସତ୍ୟର ଉଦ୍‌ଘାଟନ କରିଥା'ନ୍ତି ।

୩. **ସତ୍ୟ:**

ମୁଦ୍ରାର ଯେପରି ଦୁଇଟି ପାର୍ଶ୍ୱ ରହିଛି, ଠିକ୍ ସେହିପରି ବିଶାଳ ଜଗତିରେ ସତ୍ୟ ଓ ଅସତ୍ୟ ଦୁଇଟି ରହିଛି । ସତ୍ୟ ଆମକୁ ମହାନ୍ ଜ୍ଞାନ ପ୍ରଦାନ କରୁଥିବା ସମୟରେ ଅସତ୍ୟ ଆମକୁ ଜ୍ଞାନଶୂନ୍ୟ କରିଥାଏ । ସଂସାରରେ ସତ୍ୟ ନିତ୍ୟ ଅଟେ । ତେଣୁ ସତ୍ୟକୁ ନିଜର କରିବା ଦ୍ୱାରା ଏହି ସଂସାରକୁ ପାର କରାଯାଇପାରିବ ।

୪. **ଧର୍ମ:**

ସଂସାରରେ ନିଜସ୍ୱ ଧର୍ମ ସର୍ବଶ୍ରେଷ୍ଠ ହୋଇଥାଏ । ଯେଉଁ ବ୍ୟକ୍ତି ଧର୍ମ ଓ ଅଧର୍ମର ବିଚାର କରିପାରେ, ସେ ହିଁ ଏ ସଂସାରରେ ମହତ ହୋଇଥାଏ ଏବଂ ସେହି ବ୍ୟକ୍ତିଙ୍କୁ ହିଁ ବୈକୁଣ୍ଠପ୍ରାପ୍ତି ହୋଇଥାଏ । ଏହି ଅନିତ୍ୟ ଭବ ସଂସାରରେ ଧର୍ମ ଶ୍ରେଷ୍ଠ ଅଟେ । ତେଣୁ ସମସ୍ତ ନର, ନାରୀ ଧର୍ମରେ ଚଳିବା ଆବଶ୍ୟକ ।

ODM EDUCATIONAL GROUP Changing your Tomorrow